# NATIONAL NEWS BULLETIN (ODIA)
## 29 June - 2024
## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ନିଟ୍ ପରୀକ୍ଷାରେ ଅନିୟମିତତା ଏବଂ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଆଲୋଚନା ଦାବି କରି ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଉଭୟ ସଦନ ସୋମବାର ପର୍ଯ୍ୟନ୍ତ ହେଲା ମୁଲତବୀ ।
- ବାତିଲ ଏବଂ ସ୍ଥଗିତ ହୋଇଥିବା ପରୀକ୍ଷାର ନୂଆ ତାରିଖ ଘୋଷଣା କଲା ଏନ୍.ଟି.ଏ. ।
- ସାଂଘାଇ ସହଯୋଗ ସଂଗଠନ ଶିଖର ସମ୍ମିଳନୀରେ ଯୋଗଦେଉ ଥିବା ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେବେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ।
- ଶ୍ରୀ ଅମରନାଥ ପବିତ୍ର ପୀଠକୁ ବାର୍ଷିକ ତୀର୍ଥ ଯାତ୍ରା ଆଜିଠୁ ହେଲା ଆରମ୍ଭ ।

ଏବଂ

- ଆଇ.ସି.ସି. ଟି-ଟ୍ୱେଣ୍ଟି ବିଶ୍ୱକପ୍ ଟାଇଟଲ୍ ହାସଲ ପାଇଁ ଆଜି ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବା ମୁକାବିଲା ।

# ସଂସଦ ଅଧିବେଶନ

ନିଟ୍ ୟୁଜି - ୨୦୨୪ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଆଲୋଚନା ଦାବି କରି ଗତକାଲି ସଂସଦରେ ବିରୋଧୀ ଦଳଗୁଡ଼ିକ ହଟ୍ଟଗୋଳ କରିଥିଲେ । ଗୃହ କାର୍ଯ୍ୟ ଅଚଳ ହେବାରୁ ଉଭୟ ସଦନକୁ ବାରମ୍ବାର ମୁଲତବୀ ଘୋଷଣା କରାଯାଇଥିଲା । ଲୋକସଭାରେ ଆଲୋଚନା ଦାବି କରି ବିରୋଧୀଙ୍କ ପକ୍ଷରୁ ନୋଟିସ୍ ଦିଆଯାଇଥିଲା । କଂଗ୍ରେସ ସଦସ୍ୟ ମଣିକାମ୍ ଠାକୁର, ଗୌରବ ଗୋଗଇ ଏହି ନୋଟିସ୍ ଆଗତ କରିଥିଲେ । ତେବେ ଗୃହର ଅଧ୍ୟକ୍ଷ ଏହି ନୋଟିସ୍ ଉପରେ ଆଲୋଚନା ପାଇଁ ଅଗ୍ରାହ୍ୟ କରିଥିଲେ । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଥିଲେ, ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ଆଲୋଚନା ସମୟରେ ଅନ୍ୟ କୌଣସି ପ୍ରସଙ୍ଗରେ ଆଲୋଚନା ହେବାର ପରମ୍ପରା ନାହିଁ । ଶ୍ରୀ ରିଜିଜୁ ବିରୋଧୀ ମେଣ୍ଟକୁ ଏ ନେଇ ସମାଲୋଚନା କରିଥିଲେ । ସେ କହିଥିଲେ, ସରକାର ଯେକୌଣସି ଆଲୋଚନାର ଉତ୍ତର ଦେବା ପାଇଁ ପ୍ରସ୍ତୁତ ଅଛନ୍ତି । କିନ୍ତୁ ବିରୋଧୀ ଦଳ ଗୃହ କାର୍ଯ୍ୟ ଚାଲୁ ହେବାକୁ ସହଯୋଗ କରିବା ଦରକାର । ତେବେ ବିରୋଧୀଙ୍କ ପକ୍ଷରୁ ହଟ୍ଟଗୋଳକୁ ଦୃଷ୍ଟିରେ ରଖି ସଦନକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା । ସେହିପରି ରାଜ୍ୟସଭାରେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହେବାରୁ ଗୃହର ଅଧ୍ୟକ୍ଷ ରାଜ୍ୟସଭାକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ ।

# ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୟୁରୋପୀୟ ପରିଷଦର ପରବର୍ତ୍ତୀ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବା ଆଣ୍ଟୋନିୟ କୋଷ୍ଟାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଶ୍ରୀ କୋଷ୍ଟାଙ୍କ ଅଧ୍ୟକ୍ଷତା ସମୟରେ ୟୁରୋପୀୟ ସଂଘ ଏବଂ ଭାରତ ମଧ୍ୟରେ ରଣନୈତିକ ଭାଗିଦାରିତାକୁ ଶୀର୍ଷରେ ପହଞ୍ଚିବାର ଆଶା ରହିଛି ।

# ଏନ୍‌ଟିଏ

ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍.ଟି.ଏ. ବାତିଲ ଏବଂ ସ୍ଥଗିତ ରହିଥିବା ପରୀକ୍ଷା ପାଇଁ ନୂଆ ତାରିଖ ଘୋଷଣା କରିଛି । ଏନ୍.ଟି.ଏ. ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ଆସନ୍ତା ଅଗଷ୍ଟ ୨୧ରୁ ସେପ୍ଟେମ୍ବର ୪ ତାରିଖ ମଧ୍ୟରେ ୟୁ.ଜି.ସି. ନେଟ୍ - ଜୁନ୍ ୨୦୨୪ ପରୀକ୍ଷା ଅନୁଷ୍ଠିତ ହେବ ।

ସେହିଭଳି ମିଳିତ ସି.ଏସ୍.ଆଇ.ଆର୍. ୟୁ.ଜି.ସି. ନେଟ୍ ଜୁନ୍ ୨୦୨୪ ପରୀକ୍ଷା ଆସନ୍ତା ମାସ ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଆଇ.ଟି.ଇ.ପି.ରେ ନାମ ଲେଖା ପାଇଁ ହେଉଥିବା ଜାତୀୟ ସାଧାରଣ ପ୍ରବେଶିକା ପରୀକ୍ଷା ଏନ୍.ସି.ଇ.ଟି. ଆସନ୍ତା ମାସ ୧୦ ତାରିଖରେ ହେବା ନେଇ ବିଜ୍ଞପ୍ତିରେ କୁହାଯାଇଛି । ତେବେ ସର୍ବଭାରତୀୟ

ଆୟୁଷ ସ୍ନାତକୋତ୍ତର ପ୍ରବେଶିକା ପରୀକ୍ଷା ୨୦୨୪ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆସନ୍ତାମାସ ୬ ତାରିଖରେ ଅନୁଷ୍ଠିତ ହେବ । ପରୀକ୍ଷାର୍ଥୀ ଏନ୍.ଟି.ଏ.ର ୱେବ୍‌ସାଇଟ୍ **www.nta.ac.in**ରେ ପରୀକ୍ଷା ସମ୍ପର୍କିତ ଅଧିକ ସୂଚନା ପାଇପାରିବେ ବୋଲି ଏନ୍.ଟି.ଏ. ପକ୍ଷରୁ କୁହାଯାଇଛି ।

# ବେସାମରିକ ବିମାନ ଚଳାଚଳ ବୈଠକ

କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ସାମ୍ପ୍ରତିକ ପରିସ୍ଥିତିର ମୁକାବିଲା ଏବଂ ଯାତ୍ରୀଙ୍କ ସୁରକ୍ଷା ନେଇ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି । ମନ୍ତ୍ରଣାଳୟର ତଦାରଖରେ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ପ୍ରତିଷ୍ଠା କରାଯିବାକୁ ନିଷ୍ପତ୍ତି ହୋଇଛି । ସେହିଭଳି ସମସ୍ତ କ୍ଷୁଦ୍ର ଏବଂ ପ୍ରମୁଖ ବିମାନ ବନ୍ଦର ଗୁଡ଼ିକରେ ଯାତାୟତକୁ ସୁସଂହତ କରିବା ଲକ୍ଷ୍ୟରେ ଯାଞ୍ଚ କରିବା ପାଇଁ ଭାରତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଆସନ୍ତା ୫ ଦିନ ମଧ୍ୟରେ ଯାଞ୍ଚ ପ୍ରକ୍ରିୟା ଶେଷ କରି ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି । ବାତିଲ ହେଉଥିବା ବିମାନ ସେବାର ଯାତ୍ରୀଙ୍କୁ ୭ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ଅର୍ଥ ଫେରସ୍ତର ବ୍ୟବସ୍ଥା କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏହି ବୈଠକରେ

ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଏବଂ ଭାରତୀୟ ବିମାନ ବନ୍ଦର ପ୍ରାଧିକରଣର ଅଧ୍ୟକ୍ଷ ପ୍ରମୁଖ ଉପସ୍ଥିତ ଥିଲେ ।

## ସାଂଘାଇ ସହଯୋଗ ସଂଗଠନ

କାଜାକାସ୍ଥାନର ଅସ୍ତାନା ଠାରେ ଆସନ୍ତା ମାସ ୩ ତାରିଖରେ ଆରମ୍ଭ ହେବାକୁ ଥିବା ସାଂଘାଇ ସହଯୋଗ ସଂଗଠନ ଏସ୍.ସି.ଓ. ଶିଖର ସମ୍ମିଳନୀରେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେବେ । ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ୍ ଗତକାଲି ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ଲେବାନନ୍ ପରିସ୍ଥିତି ସମ୍ପର୍କରେ ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଶ୍ରୀ ଜୟସ୍ୱାଲ୍ କହିଛନ୍ତି, ସେଠାରେ ରହୁଥିବା ଦୁଇରୁ ତିନି ହଜାର ଭାରତୀୟଙ୍କ ସହ ଦୂତାବାସ ଯୋଗାଯୋଗରେ ରହିଛି । ସେମାନଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ଦୂତାବାସ ପଦକ୍ଷେପ ନେଉଛି ବୋଲି ସେ କହିଛନ୍ତି ।

ସୂଚନା ଯୋଗ୍ୟ ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏସ୍.ସି.ଓ. ବୈଠକ ଜୁଲାଇ ୪ ତାରିଖରେ ଉଦ୍‌ଯାପିତ ହେବ ।

# ଅମରନାଥ ଯାତ୍ରା

ଶ୍ରୀ ଅମରନାଥ ପବିତ୍ର ପୀଠକୁ ୫୨ ଦିନ ଧରି ଅନୁଷ୍ଠିତ ହେଉଥିବା ଥିବା ବାର୍ଷିକ ତୀର୍ଥ ଯାତ୍ରା ଆଜିଠୁ ଆରମ୍ଭ ହୋଇଛି । କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ କାଶ୍ମୀର ଉପତ୍ୟକାରୁ ଉଭୟ ପେହେଲଗାଓଁ ଏବଂ ବାଲତାଲ୍ ମୂଳ କ୍ୟାମ୍ପରୁ ଯାତ୍ରା ଆରମ୍ଭ ହୋଇଛି । ଅଗଷ୍ଟ ୧୯ ତାରିଖ ଶ୍ରାବଣ ପୂର୍ଣ୍ଣିମାରେ ଏହି ଯାତ୍ରା ଶେଷ ହେବ । ଏହି ପବିତ୍ର ଯାତ୍ରାକୁ ସଫଳତାର ସହ ଆୟୋଜନ କରିବାରେ ଜାମ୍ମୁ କାଶ୍ମୀର ବାସୀଙ୍କ ଅବଦାନକୁ ଉପରାଜ୍ୟପାଳ ମନୋଜ ସିହ୍ନା ପ୍ରଶଂସା କରିଛନ୍ତି । ଶ୍ରୀନଗରରେ ଗତକାଲି ତୀର୍ଥଯାତ୍ରୀଙ୍କୁ ସ୍ୱାଗତ କରିବା ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ ଏହା କହିଛନ୍ତି ।

# ବୈଦେଶିକ ସଚିବ

ଭାରତୀୟ ବିଦେଶ ସେବାର ବରିଷ୍ଠ ଅଧିକାରୀ ବିକ୍ରମ ମିଶ୍ରି ଦେଶର ପରବର୍ତ୍ତୀ ବୈଦେଶିକ ସଚିବ ଭାବେ ନିଯୁକ୍ତି ପାଇଛନ୍ତି । ବର୍ତ୍ତମାନର ବୈଦେଶିକ ସଚିବ ବିନୟ ମୋହନ କ୍ୱାତ୍ରାଙ୍କ କାର୍ଯ୍ୟକାଳ ଆସନ୍ତା ମାସ ୧୪ ତାରିଖରେ ଶେଷ ହେଉଛି । ଏହାପରେ ୧୯୮୯ ମସିହା ବ୍ୟାଚ୍‌ର ଆଇ.ଏଫ୍.ଏସ୍. ଅଧିକାରୀ ଶ୍ରୀ ମିଶ୍ରି ବୈଦେଶିକ ସଚିବ ଭାବେ ଦାୟିତ୍ୱ ତୁଲାଇବେ । ବର୍ତ୍ତମାନ ସେ ଜାତୀୟ ନିରାପତ୍ତା ପରିଷଦ ସଚିବାଳୟରେ

ଉପ-ଜାତୀୟ ସୁରକ୍ଷା ପରାମର୍ଶଦାତା ଭାବେ  କାର୍ଯ୍ୟରତ ଅଛନ୍ତି । ପୂର୍ବରୁ ଶ୍ରୀ ମିଶ୍ରି ଚୀନ୍, ମ୍ୟାଁମାର ଏବଂ ସ୍ପେନ୍‌ରେ ଭାରତୀୟ ଦୂତାବାସର ମୁଖ୍ୟ ରୂପେ କାର୍ଯ୍ୟ କରିସାରିଛନ୍ତି । ଏତଦ୍‌ବ୍ୟତୀତ ଶ୍ରୀ ମିଶ୍ରି  ବିଭିନ୍ନ ସମୟରେ ଦେଶର ୩ ଜଣ ପ୍ରଧାନମନ୍ତ୍ରୀ – ୧୯୯୭ ମସିହାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦର କୁମାର ଗୁଜରାଲ୍, ୨୦୧୨ରେ ମନମୋହନ ସିଂହ ଏବଂ ୨୦୧୪ରେ ନରେନ୍ଦ୍ର ମୋଦୀଙ୍କର ବ୍ୟକ୍ତିଗତ ସଚିବ ଭାବେ ସଫଳତାର ସହ କାର୍ଯ୍ୟ ନିର୍ବାହ କରିଛନ୍ତି ।

## ମଙ୍ଗୋଲିଆ ଇଲେକ୍‌ସନ୍

ମଙ୍ଗୋଲିଆ ସଂସଦୀୟ ନିର୍ବାଚନରେ ଶାସକ ଦଳ ବିଜୟୀ ହୋଇଛି । ପ୍ରାଥମିକ ଫଳାଫଳରୁ ମିଳିଥିବା ସୂଚନା ଅନୁଯାୟୀ  ଶାସକ ମଙ୍ଗୋଲିଆ ପିପୁଲ୍ସ ପାର୍ଟି ଅଳ୍ପ ବ୍ୟବଧାନରେ ଏହି ବିଜୟ ହାସଲ କରିଛି । ପ୍ରଧାନମନ୍ତ୍ରୀ ଓୟୁଏନ୍-ଏର୍ଡେନ୍ ଲୋଭାସାନାମସ୍ରାଇ ଗଣମାଧ୍ୟମକୁ କହିଛନ୍ତି, ୧୨୬ ଆସନ ବିଶିଷ୍ଟ ସଂସଦରେ ମଙ୍ଗୋଲିଆ ପିପୁଲ୍ସ ପାର୍ଟି ୬୮ରୁ ୭୦ଟି ଆସନରେ ବିଜୟୀ ହୋଇଛି । ଅନ୍ୟ ପକ୍ଷରେ ମୁଖ୍ୟ ବିରୋଧୀ ଡେମୋକ୍ରାଟିକ୍ ପାର୍ଟି ପ୍ରାୟ ୪୦ଟି ଆସନରେ ବିଜୟୀ ହୋଇଥିବା ଜଣାପଡ଼ିଛି । ତେବେ ସରକାରୀ ଭାବେ ଆନୁଷ୍ଠାନିକ ଫଳାଫଳ ଘୋଷଣା ହେବା ବାକି ରହିଛି । ସୂଚନା ଯୋଗ୍ୟ ଛଅ ଦଶନ୍ଧିରୁ

ଅଧିକ ସମୟ ଧରି  ଏକଦଳୀୟ କମ୍ୟୁନିଷ୍ଟ ଶାସନ ପରେ ୧୯୯୦ ମସିହାରେ ମଙ୍ଗୋଲିଆ ଗଣତନ୍ତ୍ର ରାଷ୍ଟ୍ରରେ ପରିଣତ ହୋଇଥିଲା ।

## ଏନ୍ଆଇଏ

୨୦୨୧ ମସିହାରେ ଦେଶର ପ୍ରତିରକ୍ଷା ତଥ୍ୟ ପ୍ରଘଟ କରିବା ମାମଲାରେ ସମ୍ପୃକ୍ତି ଅଭିଯୋଗରେ ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍.ଆଇ.ଏ. ପକ୍ଷରୁ ଆଜି ଗୁଜରାଟ ଓ ମହାରାଷ୍ଟ୍ରର ତିନୋଟି ସ୍ଥାନରେ ଚଢ଼ାଉ କରାଯାଇଛି । ଏହିସବୁ ତଥ୍ୟ ପାକିସ୍ତାନୀ ଗୁଇନ୍ଦାକୁ ହସ୍ତାନ୍ତର କରିଥିବା ସନ୍ଦିଗ୍ଧ ବ୍ୟକ୍ତିଙ୍କର କାର୍ଯ୍ୟାଳୟ ଏବଂ ବାସଭବନରେ ହୋଇଥିବା ଚଢ଼ାଉ ସମୟରେ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ମୋବାଇଲ୍ ଫୋନ୍ ତଥା ଅନ୍ୟାନ୍ୟ ସାମଗ୍ରୀ ଏନ୍.ଆଇ.ଏ.ର ହସ୍ତଗତ ହୋଇଛି । ଏହି ମାମଲାର ତଦନ୍ତ ଦାୟିତ୍ୱ ଏନ୍.ଆଇ.ଏ. ୨୦୨୩ ମସିହାରେ ହାତକୁ ନେବା ପରେ ଜଣେ ପାକିସ୍ତାନୀ ନାଗରୀକଙ୍କ ସମେତ ୨ ଜଣଙ୍କ ବିରୁଦ୍ଧରେ ଚାର୍ଜସିଟ୍ ଦାଖଲ କରିସାରିଛି । ପରେ ଆଉ ଜଣେ ପାକିସ୍ତାନୀ ନାଗରୀକଙ୍କ ସମେତ ମୋଟ୍ ୩ ଜଣଙ୍କ ବିରୁଦ୍ଧରେ ଏନ୍.ଆଇ.ଏ. ପକ୍ଷରୁ ଦୁଇଟି ଚାର୍ଜସିଟ୍ ଦାଖଲ କରାଯାଇଛି ।

# କ୍ରିକେଟ୍

ଆଇ.ସି.ସି. ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍ ଫାଇନାଲ୍‌ରେ ଆଜି ଭାରତ' ଦକ୍ଷିଣ ଆଫ୍ରିକାକୁ ଭେଟିବ । ଭାରତୀୟ ସମୟ ରାତି ୮ଟାରେ ବାର୍‌ବାଡୋଜ୍ ଠାରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ ।

ଦ୍ୱିତୀୟ ସେମିଫାଇନାଲ୍‌ରେ ଭାରତ' ଇଂଲଣ୍ଡକୁ ୬୮ରନ୍‌ରେ ପରାସ୍ତ କରି ଫାଇନାଲ୍‌କୁ ଉନ୍ନିତ ହୋଇଛି । ଅନ୍ୟ ପକ୍ଷରେ ପ୍ରଥମ ସେମିଫାଇନାଲ୍‌ରେ ଦକ୍ଷିଣ ଆଫ୍ରିକା ଆଫ୍‌ଗାନିସ୍ତାନକୁ ୯ ଓ୍ୱିକେଟ୍‌ରେ ହରାଇ ପ୍ରଥମଥର ଲାଗି ଫାଇନାଲ୍‌ରେ ପ୍ରବେଶ କରିଛି । ଉଭୟ ଦଳ ଏହି ପ୍ରତିଯୋଗିତାରେ ଅପରାଜେୟ ରହି ଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିଛନ୍ତି ।

# ମହିଳା କ୍ରିକେଟ୍

ଚଳିତ ସିରିଜ୍‌ର ଭାରତ ଏବଂ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ୍ ଟେଷ୍ଟର ଗତକାଲି ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ଭାରତ ୪ ଓ୍ୱିକେଟ୍ ବିନିମୟରେ ୫୨୫ରନ୍ ସଂଗ୍ରହ କରିଛି । ଚେନ୍ନାଇ ଠାରେ ଚାଲିଥିବା ଏହି ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ଟସ୍ ଜିତି ଭାରତ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ସେଫାଳି ବର୍ମା ଏବଂ ସ୍ମୃତି ମାନ୍ଧାନା ମହିଳା ଟେଷ୍ଟ କ୍ରିକେଟ୍

ଇତିହାସରେ ସର୍ବାଧିକ ୨୯୨ରନ୍‌ର ଓପନିଂ ଯୋଡ଼ି ପାଳି ଖେଳିଥିଲେ । ସେଫାଳି ୧୯୭ ବଲ୍‌ରୁ ୨୦୫ରନ୍ ସଂଗ୍ରହ କରି ଟେଷ୍ଟ କ୍ରିକେଟ୍‌ରେ ଦ୍ରୁତତମ ଦ୍ୱିଶତକ ହାସଲ କରିଥିଲେ । ମାନ୍ଧାନା ୧୬୧ ବଲ୍‌ରୁ ୧୪୯ରନ୍ ସଂଗ୍ରହ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶୁଭା ସତୀଶ ୩୩ରନ୍ କରି ଏବଂ ଜେମିମା ୫୫ରନ୍ ରନ୍ କରି ଆଉଟ୍ ହୋଇଥିଲେ । ଅଧିନାୟକ ହରମନ ପ୍ରିତ୍ କୌର ଏବଂ ରିଚା ଘୋଷଙ୍କ ଯୋଡ଼ି ୭୫ରନ୍ ସଂଗ୍ରହ କରି ଅପରାଜିତ ଅଛନ୍ତି ।